# NATIONAL NEWS BULLETIN (ODIA)

## 12 February - 2026

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଭାରତ ଏବେ ଶକ୍ତି ନିଅଣ୍ଟିଆ ଦେଶରୁ ଶକ୍ତି ବଳକା ଦେଶ ପାଲଟିଛି, କହିଲେ କେନ୍ଦ୍ର ଶକ୍ତିରାଷ୍ଟ୍ର ମନ୍ତ୍ରୀ ।

- ନୂଆ ବାଣିଜ୍ୟଚୁକ୍ତି ପରେ ଆମେରିକା ସହ ଭାରତର ବାର୍ଷିକ ବାଣିଜ୍ୟ ଅଭିବୃଦ୍ଧି ଅତିକ୍ରମ କରିବ ୯୦ ବିଲିୟନ ଡଲାର ।

- ଆଧୁନିକ ଓ ଦକ୍ଷ ପ୍ରଶାସନିକ ସେବା ଯୋଗାଇବା ଉଦ୍ଦେଶ୍ୟରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ସେବାତୀର୍ଥ ଓ କର୍ତ୍ତବ୍ୟ ଭବନ ।

- ବାଂଲାଦେଶରେ ୨୯୯ଟି ଆସନ ପାଇଁ ଜାରି ରହିଛି ମତଦାନ ।

ଏବଂ

- ଆଇସିସି ପୁରୁଷ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ସଂଧ୍ୟାରେ ଦିଲ୍ଲୀର ଅରୁଣଜେଟ୍‌ଲୀ ଷ୍ଟାଡିୟମରେ ଭାରତ ଏବଂ ନାମ୍ବିଆ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍ ।

# ଲୋକସଭା-ପାୱାର

କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶ ନାୟକ କହିଛନ୍ତି ଭାରତ ଏବେ ଶକ୍ତି ନିଅଣ୍ଟିଆ ଦେଶରୁ ଶକ୍ତି ବଳକା ଦେଶ ହୋଇଛି । ଲୋକସଭାର ପ୍ରଶ୍ନକାଳରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ୨୦୧୪ ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଶକ୍ତି କ୍ଷେତ୍ରରେ ସଂସ୍କାରଲାଗି ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ଏବେ ଭାରତ ପଡୋଶୀ ଦେଶଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ କରୁଛି । ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା କ୍ଷେତ୍ରରେ ଶକ୍ତିକ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି ଶକ୍ତି ଆବଣ୍ଟନ କ୍ଷେତ୍ରରେ ଆର୍ଥିକ ଶୃଙ୍ଖଳା ପାଇଁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଶୋଧନ ବିଧେୟକ ଆଗତ କରାଯିବ ।

**V/O (Sripad Yosho Nayak Power)**

# ପିଏମ୍-ସେବାତୀର୍ଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅପରାହ୍ଣରେ ଜାତୀୟ ରାଜଧାନୀ ଦିଲ୍ଲୀରେ ସେବାତୀର୍ଥ ନାମର ଉନ୍ମୋଚନ  କରିବେ । ପରେ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ସେବାତୀର୍ଥ  ଏବଂ କର୍ତ୍ତବ୍ୟ ଭବନ ୧ ଓ ୨ର ଉଦ୍‌ଘାଟନ କରିବେ । ସଂଧ୍ୟା ସମୟରେ ଶ୍ରୀ ମୋଦୀ ସେବାତୀର୍ଥସ୍ଥଳୀରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଦେଶର ପ୍ରଶାସନିକ ସଂରଚନା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଲୋକମାନଙ୍କୁ ଆଧୁନିକ, ଦକ୍ଷ ଏବଂ ସହଜ

ଭାବରେ ସେବା ଯୋଗାଇଦେବା କ୍ଷେତ୍ରରେ ଏହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।

ସେବାତୀର୍ଥରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ କ୍ୟାବିନେଟ୍ ସଚିବାଳୟ ରହିଛି । ସେଠାରେ ପ୍ରଶାସିନକ କାର୍ଯ୍ୟ ପାଇଁ ସମସ୍ତ ଆଧୁନିକ ବ୍ୟବସ୍ଥା କରାଯାଇଛି ।

କର୍ତ୍ତବ୍ୟଭବନ ୧ ଓ ୨ରେ ଅନେକଗୁଡ଼ିଏ ପ୍ରମୁଖ ମନ୍ତ୍ରଣାଳୟ ରହିଛି । ସେଠାରେ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶିକ୍ଷା ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ରହିଛି । ଉଭୟ ସୌଧରେ କାର୍ଯ୍ୟାଳୟ ଗୁଡ଼ିକୁ ଡିଜିଟାଲ ଜରିଆରେ ସମନ୍ୱିତ କରାଯିବା ସହ ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବା ଲାଗି ବ୍ୟବସ୍ଥା କରାଯାଇଛି । ଏହିସବୁ ସୌଧ ଗୁଡ଼ିକରେ ଉନ୍ନତ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଯାହାଫଳରେ ଭିତ୍ତିଭୂମିର ସୁରକ୍ଷା କରାଯାଇ କର୍ମଚାରୀ, ଦର୍ଶକ ଏବଂ ସାଧାରଣ ଜନତାଙ୍କୁ ତ୍ୱରିତ ଢ଼ଙ୍ଗରେ ସମସ୍ତ ସେବା ଉପଲବ୍ଧ କରାଯାଇ ପାରିବ ।

## ପ୍ରେଜ୍ ଭିପି ପିଏମ୍-ଦୟାନନ୍ଦ ସରସ୍ୱତୀ

ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମବାର୍ଷିକୀରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ସମାଜକୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଅମୂଲ୍ୟ ଦିଗ୍‌ଦର୍ଶନ ଦେଇଥିଲେ ଏବଂ ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଥିଲେ । ରାଷ୍ଟ୍ରପତି କହିଛନ୍ତି ତାଙ୍କଦ୍ୱାରା ପ୍ରତିଷ୍ଠା

କରାଯାଇଥିବା ସଂସ୍ଥାଗୁଡ଼ିକ ସବୁ ସମୟରେ ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ମହର୍ଷି ଦୟାନନ୍ଦ ସରସ୍ୱତୀ ତାଙ୍କ ଜୀବନସାରା ଅନ୍ଧବିଶ୍ୱାସ ଏବଂ ସାମାଜିକ କୁ-ପ୍ରଥା ବିରୋଧରେ ସଂଗ୍ରାମ କରିଥିଲେ । ଉପରାଷ୍ଟ୍ରପତି କହିଛନ୍ତି ଶିକ୍ଷାର ପ୍ରସାର, ମହିଳା ସଶକ୍ତିକରଣ ଏବଂ ଭାରତୀୟ ସଂସ୍କୃତିର ସଂରକ୍ଷଣ ଦିଗରେ ମହର୍ଷି ଦୟାନନ୍ଦ ସରସ୍ୱତୀ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି କେବଳ ଶିକ୍ଷାର ପ୍ରସାର ନୁହେଁ ବରଂ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ଦେଶପାଇଁ ତାଙ୍କ ସାମାଜିକ ସଂସ୍କାର ସବୁ ସମୟରେ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବାଂଲାଦେଶ ପୋଲ୍ସ

ବାଙ୍ଗଲାଦେଶରେ ୨୯୯ଟି ଆସନ ପାଇଁ ତ୍ରୟୋଦଶ ଜାତୀୟ ନିର୍ବାଚନ ଜାରି ରହିଛି । ଆଜି ସକାଳ ୭ଟା ୩୦ରୁ ଆରମ୍ଭ ହୋଇଥିବା ମତଦାନ ପ୍ରକ୍ରିୟା ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଚାଲିବ । ପ୍ରାୟ ୪୨ହଜାରରୁ ଅଧିକ ମତଦାନ କେନ୍ଦ୍ରରେ ୧୨କୋଟିରୁ ଅଧିକ ମତଦାତା ଭୋଟ୍ ଦେଉଛନ୍ତି ।

ବାଂଲାଦେଶର ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ମୁଖ୍ୟମାନେ ବିଭିନ୍ନ କେନ୍ଦ୍ରରେ ମତଦାନ କରିଥିବା ଜଣାପଡିଛି । ବିଏନ୍‌ପି ଅଧ୍ୟକ୍ଷ ତାରିକ ରହମାନ, ଜମାତ୍-ଏ-ଇସଲାମୀର ଆମିର ସଫିକୁର ରହମାନ

ପ୍ରମୁଖ ମତଦାନ କରିଥିବା ଜଣାପଡିଛି । ବାଂଲାଦେଶ ନିର୍ବାଚନ ଉପରେ ୟୁରୋପୀୟ ସଂଘର ଏକ ପର୍ଯ୍ୟବେକ୍ଷକ ଦଳ ନଜର ରଖିଛନ୍ତି । ଶାନ୍ତିଶୃଙ୍ଖଳାର ସହ ମତଦାନ କରାଇବା ଲାଗି ୯ଲକ୍ଷରୁ ଅଧିକ ସୁରକ୍ଷାବଳ ମୁତୟନ କରାଯାଇଛି । ଆସନ୍ତାକାଲି ସୁଦ୍ଧା ଫଳାଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି ।

## ରାଜ୍ୟସଭା

ରାଜ୍ୟସଭାରେ ଆଜି ଶୂନ୍ୟକାଳରେ କେନ୍ଦ୍ର ମନ୍ତ୍ରୀମାନେ କେତେକ ରିପୋର୍ଟ ଉପସ୍ଥାପନ କରିଛନ୍ତି । ସାଂସଦ ଡକ୍ଟର ଏଲ୍ ମୁରୁଗାନ ପବ୍ଲିକ ଆକାଉଣ୍ଟ୍ସ ଏବଂ ପବ୍ଲିକ ଅଣ୍ଡର ଟେକିଂ କମିଟିକୁ ୭ ଜଣ ସଦସ୍ୟଙ୍କ ନିର୍ବାଚନ ପାଇଁ ଡକ୍ଟର ମୁରୁଗାନ ପ୍ରସ୍ତାବ ଆଗତ କରିଥିଲେ । ବାଚନିକ ଭୋଟ୍ ଜରିଆରେ ଏହା ଗୃହୀତ ହୋଇଥିଲା । ଅନ୍ୟପକ୍ଷରେ ଅନୁସୂଚିତ ଜାତି, ଜନଜାତି କମିଟିକୁ ୧୦ଜଣ ସଦସ୍ୟ ନିର୍ବାଚନ ସମ୍ପର୍କିତ ପ୍ରସ୍ତାବ ମଧ୍ୟ ଗୃହର ଅନୁମୋଦନ ଲାଭ କରିଥିଲା । ଶୂନ୍ୟକାଳରେ ବିଭିନ୍ନ ରାଜନୈତିକ ଦଳର ସାଂସଦମାନେ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନଙ୍କ ଅନୁମତି ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ଉପରେ ଉପସ୍ଥାପନ କରିଥିଲେ ।

## ଏସ୍‌ବିଆଇ ଟ୍ରେଡ୍ ବିଲ୍

ନୂଆ ବାଣିଜ୍ୟ ଚୁକ୍ତି ପରେ ଆମେରିକା ସହ ଭାରତର ବାଣିଜ୍ୟ ଅଭିବୃଦ୍ଧି ବାର୍ଷିକ ୯୦ ବିଲିୟନ ଡଲାର ଅତିକ୍ରମ କରିବ ବୋଲି ଭାରତୀୟ

ଷ୍ଟେଟ୍ ବ୍ୟାଙ୍କ ଗବେଷଣା ରିପୋର୍ଟରେ ପ୍ରକାଶ କରିଛି । ରିପୋର୍ଟ ଅନୁଯାୟୀ ଉଭୟ ଦେଶ ମଧ୍ୟରେ ଅତିରିକ୍ତ ବାଣିଜ୍ୟିକ କାରବାର ବାର୍ଷିକ ୪୫ ବିଲିୟନ ଡଲାରକୁ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା କୁହାଯାଇଛି । ଫଳରେ ଭାରତର ଜିଡିପିରେ ୧ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇବ ବୋଲି ଏସ୍‌ବିଆଇ କହିଛି । ବୈଦେଶିକ ମୁଦ୍ରା ଭଣ୍ଡାର ୩ ବିଲିୟନ ଡଲାର ଜମା ବୃଦ୍ଧି ପାଇବା ନେଇ ମଧ୍ୟ ଆକଳନ କରାଯାଇଛି । ଏସ୍‌ବିଆଇର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ କହିଛନ୍ତି ଭାରତର ରପ୍ତାନୀକାରୀମାନେ ପ୍ରମୁଖ ୧୫ଟି ସାମଗ୍ରୀର ରପ୍ତାନୀ ପରିମାଣ ଚଳିତବର୍ଷ ୯୭ ବିଲିୟନ ଡଲାରକୁ ବୃଦ୍ଧି ହେବାକୁ ଥିବାବେଳେ ସ୍ଥଳ ବିଶେଷରେ ଏହା ୧୦୦ ବିଲିୟନ ଡଲାର ଅତିକ୍ରମ କରିବାର ସମ୍ଭାବନା ରହିଛି । ସେ କହିଛନ୍ତି ଭାରତର ବାଣିଜ୍ୟିକ ଅଭିବୃଦ୍ଧି ଗତବର୍ଷ ୪୦ ଦଶମିକ ୯ ବିଲିୟନ ରହିଥିଲା ।

## ଆର୍‌ଏସ୍‌-ଏଲ୍‌ଓପି

ଓଡ଼ିଶାର ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ଜାତିଆଣ ଭେଦଭାବ ନେଇ ଅଭିଯୋଗ ଉପରେ ଆଜି ରାଜ୍ୟସଭାରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଚିନ୍ତାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଦେଶରେ ବିକାଶ ଏବଂ ସଂସ୍କାର ସତ୍ତ୍ୱେ ସାମାଜିକ ଭେଦଭାବ ଏବେ ମଧ୍ୟ ରହିଛି । ଶୂନ୍ୟକାଳରେ ଆଜି ଶ୍ରୀ ଖଡଗେ କହିଥିଲେ ଏକବିଂଶ ଶତାବ୍ଦୀରେ ଯେତେବେଳେ ଭାରତ ସାମାଜିକ ବିକାଶ, ସଂସ୍କାର ଏବଂ ଏକତାର କଥା କହୁଛି ସେତେବେଳେ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ଅଙ୍ଗନବାଡି କେନ୍ଦ୍ରରେ ନିଯୁକ୍ତି ଦଳିତ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇବାକୁ

ସେମାନଙ୍କ ପିଲାମାନଙ୍କୁ ବାରଣ କରୁଛନ୍ତି । ବିକାଶକାର୍ଯ୍ୟ ସଠିକ୍ ଭାବରେ ହେଉନଥିବା ଅଭିଯୋଗ କରି ଶ୍ରୀ ଖଡଗେ କହିଛନ୍ତି ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ କୋମଳମତି ଛାତ୍ରଛାତ୍ରୀଙ୍କ ଶାରିରୀକ ଏବଂ ବୌଦ୍ଧିକ ବିକାଶ ହେବାକଥା, ସେଠାରେ ଜାତିଆଣ ଭେଦଭାବ ସୃଷ୍ଟି କରାଯାଉଛି । ଏହା କୋମଳମତି ଛାତ୍ରଛାତ୍ରୀଙ୍କ ବିକାଶ ଦିଗରେ ବହୁଦିନ ପର୍ଯ୍ୟନ୍ତ ସାମାଜିକ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି । ସମ୍ବିଧାନର ଧାରା ୨୧ (ଏ) ଓ ୪୭ କୁ ଉଦ୍ଧୃତ କରି ଶ୍ରୀ ଖଡଗେ କହିଛନ୍ତି ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ପ୍ରାକ୍ ଶୈଶବ ଯତ୍ନ ଏବଂ ଶିକ୍ଷାକ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବାରୁ ପିଲାମାନଙ୍କ ପୁଷ୍ଟିକର ସ୍ତର ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ଆବଶ୍ୟକତା ରହିଛି ।

**V/O (Khadge)**

# ପିଏମ୍-ସୀତାରମଣ ବଜେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଲୋକସଭାରେ ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ବଜେଟ୍ କିଭଳି ଭାବେ ଦେଶରେ ଅର୍ଥନୈତିକ ପରିବର୍ତ୍ତନ ଆଣିବ ସେ ସମ୍ପର୍କରେ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଲୋକସଭାରେ ବଜେଟ୍ ସମ୍ପର୍କିତ ଅର୍ଥମନ୍ତ୍ରୀଙ୍କ ଉତ୍ତର ସମ୍ବଳିତ ଭିଡ଼ିଓ ପୋଷ୍ଟକରି ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତ ବଜେଟ୍‌ରେ ସଂସ୍କାର ଏକ୍ସପ୍ରେସ୍ ଏମ୍.ଏସ୍.ଏମ୍.ଇକୁ ସମର୍ଥନ, ଦକ୍ଷତା ନିର୍ମାଣ, ଶିକ୍ଷା ଏବଂ ପରବର୍ତ୍ତୀ ପୀଢ଼ିର ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି ।

# କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ସଂଧ୍ୟାରେ ଦିଲ୍ଲୀର ଅରୁଣଜେଟ୍‌ଲୀ ଷ୍ଟାଡିୟମରେ ଭାରତ ଏବଂ ନାମ୍ବିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏବେ ଶ୍ରୀଲଙ୍କାର ପାଲିକଲ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଶ୍ରୀଲଙ୍କା ଏବଂ ଓମାନ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୨୬ରନ୍ ସ୍କୋର୍ କରିଛି । ସମ୍ବାଦ ପ୍ରସ୍ତୁତହେଲାବେଳକୁ ଓମାନ ୧୧ ଓଭରରେ ୩ ୱିକେଟ୍ ହରାଇ ୭୫ରନ୍ ସ୍କୋର କରିଛି । ଆଜିର ଦ୍ୱିତୀୟ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ନେପାଳ ଏବଂ ଇଟାଲୀ ମଧ୍ୟରେ ଖେଳାଯିବ ।

# ହକି – ପ୍ରୋ ଲିଗ୍

ପୁରୁଷ ହକିରେ ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଭାରତ ଏବଂ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ୧-୩ରେ ବେଲ୍‌ଜିୟମଠାରୁ ପରାସ୍ତ ହୋଇଥିଲା । ଆସନ୍ତା ୧୪ ତାରିଖରେ ଭାରତ’ ବେଲଜିୟମ ବିପକ୍ଷରେ ଏବଂ ୧୫ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବ ।